# India Russia consultations on UNSC issues

December 02, 2020

## ଭାରତ ଓ ରୁଷ ମଧ୍ୟରେ ମିଳିତ ଜାତିସଂଘ ସୁରକ୍ଷା ପରିଷଦ ପ୍ରସଙ୍ଗରେ ବିଚାର ବିମର୍ଷ

**ଡିସେମ୍ବର** 02, 2020

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ସଚିବ (ପଶ୍ଚିମ) ଶ୍ରୀ ବିକାଶ ସ୍ୱରୂପ 2 ଡିସେମ୍ବର 2020 ରେ ମସ୍କୋଠାରେ ରୁଷ ବୈଦେଶିକ ମନ୍ତ୍ରଣାଳୟର ଅଧିକାରୀମାନଙ୍କ ସହ ମିଳିତ ଜାତିସଂଘ ସୁରକ୍ଷା ପରିଷଦ ପ୍ରସଙ୍ଗରେ ବିଚାର ବିମର୍ଷ ପାଇଁ ଭାରତୀୟ ପ୍ରତିନିଧୀ ଦଳର ନେତୃତ୍ୱ ନେଇଥିଲେ। ଭାରତୀୟ ପ୍ରତିନିଧୀ ଦଳରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଏବଂ ମସ୍କୋଠାରେ ଥିବା ଭାରତୀୟ ଦୂତାବାସର ଅନ୍ୟ ଅଧିକାରୀମାନେ ମଧ୍ଯ ସାମିଲ ହୋଇଥିଲେ।

2. ରୁଷ ପ୍ରତିନିଧୀ ଦଳର ନେତୃତ୍ୱ ରୁଷର ବୈଦେଶିକ ବ୍ୟାପାର ଉପମନ୍ତ୍ରୀ ଶ୍ରୀ ସର୍ଗେ ଭାସିଲେଭିଚ୍ ଭର୍ସିନିନ୍ ନେଇଥିଲେ ଏବଂ ରୁଷ ବୈଦେଶିକ ମନ୍ତ୍ରଣାଳୟର ଅନ୍ୟ ଅଧିକାରୀମାନେ ଏଥିରେ ସାମିଲ ହୋଇଥିଲେ।

3. ଭାରତ 2021-22 ଅବଧି ପାଇଁ ୟୁଏନଏସସି ବା ମିଳିତ ଜାତିସଂଘ ସୁରକ୍ଷା ପରିଷଦର ଅସ୍ଥାୟୀ ଆସନ ଗ୍ରହଣ କରିଥିବାରୁ ରୁଷ ପକ୍ଷ ସ୍ୱାଗତ କରିଥିଲେ। ମିଳିତ ଜାତିସଂଘ ସୁରକ୍ଷା ପରିଷଦର କାର୍ଯ୍ୟସୂଚୀ ଏବଂ ସାମ୍ପ୍ରତିକ ପ୍ରସଙ୍ଗ ଉପରେ ଉଭୟ ପକ୍ଷ ବିସ୍ତୃତ ଆଲୋଚନା କରିଥିଲେ। ଆତଙ୍କବାଦର ମୁକାବିଲା ପାଇଁ ବହୁପକ୍ଷୀୟ ମଞ୍ଚରେ ସହଯୋଗକୁ ଆହୁରି ଦୃଢ଼ କରିବାକୁ ଉଭୟ ପକ୍ଷ ସହମତ ହୋଇଥିଲେ। ଭାରତୀୟ ପ୍ରତିନିଧୀ ଦଳ ମିଳିତ ଜାତିସଂଘ ସୁରକ୍ଷା ପରିଷଦରେ ଭାରତର ଆଗାମୀ କାର୍ଯ୍ୟକାଳରେ ନିଜର ପ୍ରାଥମିକତା ବିଷୟରେ ରୁଷକୁ ସୂଚନା ଦେଇଥିଲେ। ଦୁଇ ଦେଶ ସମ୍ମୁଖୀନ ହେଉଥିବା ସମାନ ଆହ୍ୱାନକୁ ଦୃଷ୍ଟିରେ ରଖି ଏବଂ ସେମାନଙ୍କର ଦୀର୍ଘ ଦିନର ସ୍ୱତନ୍ତ୍ର ଏବଂ ବିଶେଷ ରଣନୀତିକ ଭାଗିଦାରୀ ଅନୁଯାୟୀ ସେମାନେ ଏକତ୍ର କାର୍ଯ୍ୟ କରିବାକୁ ନିଷ୍ପତ୍ତି ନେଇଥିଲେ।

**ମସ୍କୋ**

**ଡିସେମ୍ବର** 02, 2020

DISCLAIMER: This is an approximate translation. The original is available in English on MEA’s website and may be referred to as the official press release.